SAMBAD

ସମ୍ବାଦ

# ଆଇଟିଇଆର୍‌ରେ ଜେନେସିସ୍ ଉଦ୍‌ଯାପିତ

# ଇଞ୍ଜିନିୟର ଅପେକ୍ଷା ଭଲ ମଣିଷ ହୁଅ

ଭୁବନେଶ୍ୱର, ୨୭/୨ (ଇମିସ): ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଆଇଟିଇଆର୍‌ର ବାର୍ଷିକ ଉତ୍ସବ ଜେନେସିସ୍-୧୦ ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସଚିବ ରାଜ କୁମାର ଶର୍ମା ଜଣେ ଇଞ୍ଜିନିୟର ଅପେକ୍ଷା ଜଣେ ଭଲ ମଣିଷ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଖୁବ୍ କମ୍ ଦିନରେ ଏହି ଅନୁଷ୍ଠାନ ଅନେକ ମାଇଲଖୁଣ୍ଟ ସ୍ଥାପନ କରିଥିବାରୁ ଶ୍ରୀ ଶର୍ମା କର୍ତ୍ତୃପକ୍ଷଙ୍କ ଧନ୍ୟବାଦ ଜ୍ଞାପନ କରିଥିଲେ। ଡେପୁଟି ଚେୟାରମ୍ୟାନ୍ ପ୍ରଫେସର ବି କେ ସରାଫ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ଟାସ୍କଫୋର୍ସର ଅଧ୍ୟକ୍ଷ ପଦ୍ମଶ୍ରୀ ତ୍ରିଲୋଚନ ପ୍ରଧାନ ଗବେଷଣା କାର୍ଯ୍ୟରେ କିଛି ସମୟ ବିନିଯୋଗ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆଦାନୀ ଗ୍ରୁପ୍‌ର ମାନବ ସମ୍ବଳ ସଭାପତି ପ୍ରଦୀପ ପଣ୍ଡା ଯୋଗ ଦେଇଥିଲେ। କଲେଜରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ଦୀପକ ପଣ୍ଡାଙ୍କୁ ବିଶ୍ୱବିଦ୍ୟାଳୟର ସଭାପତିଙ୍କ ତରଫରୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। କଲେଜର ବାର୍ଷିକ ପତ୍ରିକା 'ଅନ୍ୱେଷା' ଉନ୍ମୋଚିତ ହୋଇଥିଲା। ଅତିରିକ୍ତ ଡିନ୍ ପ୍ରଫେସର ଆର୍ କେ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। କଲେଜର ନିର୍ଦ୍ଦେଶକ ଡ. ମାନସ ମଲ୍ଲିକ, ଡିନ୍ ପ୍ରଫେସର କେ କେ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ମନୋଜରଞ୍ଜନ ନାୟକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ ସାରେଗାମାପା ଫେମ୍ ଭିନିଥ୍ ଯୋଗ ଦେଇ ଚମତ୍କାର ସଙ୍ଗୀତ ପରିବେଷଣ କରିଥିଲେ।